## ସାମ୍ବାଦିକାଙ୍କ ମୃତ୍ୟୁରେ ଶୋକ



ଚାରିଛକ,୬।୧(ସମିସ): ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ପିପିଲି ଥାନା ମଙ୍ଗଳପୁର ନିକଟରେ ମଙ୍ଗଳବାର ସକାଳୁ ଏକ ସଡ଼କ ଦୁର୍ଘଟଣାରେ ସାମ୍ବାଦିକା ଶୀଲା ପଟ୍ଟନାୟକ ଓ ତାଙ୍କର ଜଣେ ସମ୍ପର୍କୀୟାଙ୍କ ମୃତ୍ୟୁ ଘଟିଛି। ଏନେଇ ଚାରିଛକ ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟରେ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଜାଳି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କ୍ଲବ୍‌ର ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାହୁ, ରାଜେଶ ଲେଙ୍କା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ରାଉତ, ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଶୋକ ବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଉଭୟ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଚିଲିକାରେ ବାଜିରେ ଲାଗିଛି ଜୀବନ

**ସୁରକ୍ଷା ଦେବାରେ ପ୍ରଶାସନ ବିଫଳ**

କୃଷ୍ଣପ୍ରସାଦ,୬।୧(ସମିସ)



ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ବିପଜ୍ଜନକ ଯାତ୍ରା କରିଥାନ୍ତି। ସାତପଡ଼ା-ଜହ୍ନିକୁଦା ଚିଲିକାରେ ଯାତାୟାତ କରୁଥିବା ଡଙ୍ଗା ଯାତ୍ରୀମାନଙ୍କୁ ସୁରକ୍ଷା ଦେବାରେ ପ୍ରଶାସନିକ ବିଫଳତା ଯୋଗୁଁ ଯାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ୫ କିମି ଚିଲିକା ପାର୍ ହେବା ପାଇଁ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ବିପଦଶଙ୍କୁଳ ଭାବେ ଠିଆ ହୋଇ ଚିଲିକା ପାର୍ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ନିୟମକୁ ଖାତିର୍ ନ କରିବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀମାନଙ୍କୁ ଡଙ୍ଗା ଚାଳକମାନେ ଚିଲିକା ପାର୍ କରାଉଥିବାରୁ ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଡଙ୍ଗା ଚାଳକମାନେ ଯାତ୍ରୀଙ୍କଠାରୁ ମନଇଚ୍ଛା ଚଢ଼ାଦରରେ ଭଡ଼ା ଆଦାୟ କରୁଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତା ଦେଇ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ବିପଦଶଙ୍କୁଳ ଯାତ୍ରାକୁ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଦୁଃଖ ଓ ପରିତାପର ବିଷୟ ପାଲଟିଛି। ଉକ୍ତ ରାସ୍ତା ଦେଇ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଦକ୍ଷିଣ ଓଡ଼ିଶାର ଶହଶହ ପର୍ଯ୍ୟଟକ, ଜନସାଧାରଣ ଯାତାୟାତ କରୁଥିବାବେଳେ ଏମାନଙ୍କୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ତରଫରୁ ବାଲୁଗାଁଠାରୁ କୃଷ୍ଣପ୍ରସାଦଗଡ଼ ପର୍ଯ୍ୟନ୍ତ ଲଞ୍ଚ ସେବା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ, ପର୍ଯ୍ୟଟକ ୧୭ କିଲୋମିଟର ଚିଲିକାରେ ବିନା ଲାଇଫ୍ ଜ୍ୟାକେଟ୍‌ରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ବିପଜ୍ଜନକ ଜଳଯାତ୍ରା କରୁଥିବା ଜଣାପଡ଼ିଛି। ଦ୍ୱୀପାଞ୍ଚଳବାସୀଙ୍କ ଜଳପଥରେ ଗମନାଗମନ ବ୍ୟବସ୍ଥାକୁ ସୁଗମ ଓ ସୁରକ୍ଷା କରିବା ଦିଗରେ ଖୋର୍ଦ୍ଧା ଜିଲ୍ଲାପାଳ, ପୁରୀ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

## ଗୋପ ବଜାରରୁ ଜବରଦଖଲ ଉଚ୍ଛେଦ ଜାରି

ଗୋପ,୬।୧(ସମିସ): ଦ୍ୱିତୀୟ ଦିନରେ ପହଞ୍ଚିଛି ଗୋପ ବଜାରରୁ ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ଦୁଇଦିନ ମଧ୍ୟରେ ଶତାଧିକ ବାସଗୃହ ଓ ଦୋକାନ ଗୃହକୁ ଭାଙ୍ଗିଛି ପ୍ରଶାସନ। ପୂର୍ବରୁ ଗୋପ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ ହେଇଥିବାବେଳେ ସୋମବାରଠାରୁ ଆରମ୍ଭ ହୋଇଛି ଉଚ୍ଛେଦ ପ୍ରକ୍ରିୟା। ସୋମବାର ଗୋପ-ଚାରିଛକ ରାସ୍ତାରେ କେତେକ ବାସଗୃହ ସହିତ ଦୋକାନକୁ ଉଚ୍ଛେଦ କରାଯାଇଥିବାବେଳେ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିବା ବେଳେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟା ସରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଭଳି କାର୍ଯ୍ୟ ଯୋଗୁଁ ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ସହିତ ପୁଲିସ ପ୍ରଶାସନକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟରେ ୧୫ ଜଣିଆ ଟିମ୍, ୬ ପ୍ଲାଟୁନ ଫୋର୍ସ, ଜିଲ୍ଲା ଅତିରିକ୍ତ ଏସ୍‌ପି ସଚ୍ଚିନ୍ ପଟେଲ, ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ, ବୃନ୍ଦରାୟ ମାଝୀ, ଦେବସ୍ମିତା ସିଂ, ବିଭୁପ୍ରସାଦ ଦାସ, ପ୍ରମୋଦ ସେଠୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁଁ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ଭ୍ୟାନ୍; ବର୍ତ୍ତିଗଲେ ୧୩



ପିପିଲି,୬।୧(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ତେଇଶିପୁର ଛକ ନିକଟରେ ମଧ୍ୟପ୍ରଦେଶର ଏକ ଟ୍ରାଭେଲର୍ ବସ୍ ୩୩ କେଭି ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଛି। ଫଳରେ ସେଥିରେ ଥିବା ୧୩ଜଣ ଯାତ୍ରୀଙ୍କ ଜୀବନ ଅଳ୍ପକେ ବଞ୍ଚିଯାଇଛି। ମିଳିଥିବା ସୂଚନା ମୁତାବକ, ମଧ୍ୟପ୍ରଦେଶରୁ ଏକ ଟ୍ରାଭେଲର ଗାଡ଼ିରେ ୧୧ଜଣ ଯାତ୍ରୀ ସମେତ ଡ୍ରାଇଭର ଓ ହେଲ୍‌ପର ପୁରୀ ଆସୁଥିଲେ। ଜାତୀୟ ରାଜପଥର ତେଇଶିପୁର ଛକ ନିକଟ ରାସ୍ତା ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଭାରସାମ୍ୟ ହରାଇ ଗାଡ଼ିଟି ପିଟି ହୋଇଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପୁଲିସ ପାଟ୍ରୋଲିଂ ଓ ସ୍ଥାନୀୟ ସାତଶଙ୍ଖ ଫାଣ୍ଡି ପୁଲିସ ପହଞ୍ଚି ଆହତମାନଙ୍କୁ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଯାତ୍ରୀ ସମେତ ଗାଡ଼ି ଚାଳକ ଓ ସହଯୋଗୀ ସୁସ୍ଥ ରହିଥିବା ପୁଲିସଠାରୁ ସୂଚନା ମିଳିଛି।

## କୂଅ ଭିତରୁ ବାଛୁରୀ ଉଦ୍ଧାର

କଣାସ,୬।୧(ସମିସ): କଣାସ ବ୍ଲକ୍‌ର ସିରେଇ ଗ୍ରାମପଞ୍ଚାୟତ ସିରେଇ ଗ୍ରାମରେ ମଙ୍ଗଳବାର ଏକ ଛୋଟ ବାଛୁରୀ ଗଭୀର କୂଅ ଭିତରକୁ ଖସିପଡ଼ିଥିଲା। ସ୍ଥାନୀୟ ଯୁବକମାନେ ବହୁ ଉଦ୍ୟମ କରି ମଧ୍ୟ ବାଛୁରୀଟିକୁ ବାହାର କରିପାରି ନ ଥିଲେ। କଣାସ ଦମକଳ ବାହିନୀକୁ ଖବର ଦେବାରୁ ଦମକଳ ବାହିନୀ ଅଧିକାରୀ ରଘୁନାଥ ସାହୁ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଛୁରୀଟିକୁ ଉଦ୍ଧାର କରିଥିଲେ।

**ପିପିଲି ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ନୂତନ ଛେରାପହଁରା ସେବା**

## ବଦଳିଲେ ପୁରାତନ ଛେରାପହଁରା ରାଜା



ପିପିଲି,୬।୧(ସମିସ): ପୁରାତନ ଲୋକାଦୃତ ପିପିଲି ରଥଯାତ୍ରାର ଶ୍ରୀଗୁଣ୍ଡିଚା ରଥରେ ଛେରାପହଁରା ସେବା ପାଇଁ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରମୋଦ କୁମାର ନନ୍ଦ। ପବିତ୍ର ପୁଷ୍ୟାଭିଷେକ ତିଥି ଅବସରରେ ପିପିଲି ରଥଯାତ୍ରା ପରିଚାଳନା କମିଟିର ସର୍ବସମ୍ମତି କ୍ରମେ ପିପିଲି ବ୍ଲକ୍ ଅନ୍ତର୍ଗତ ଭାରତୀପୁର ନିବାସୀ ପ୍ରମୋଦଙ୍କ ପାରମ୍ପରିକ ତଥା ବିଧି ନୀତିନିୟମ ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମ ଯଜ୍ଞାଦି ଆୟୋଜନର ଆଧ୍ୟାତ୍ମିକ ପାରିବେଶରେ ଅଭିଷେକ କାର୍ଯ୍ୟ ସମ୍ପନ୍ନ କରାଯାଇଛି। ପୂର୍ବରୁ ନିର୍ଦ୍ଧାରିତ ନିୟମ ଅନୁସାରେ ଶ୍ରୀ ନନ୍ଦଙ୍କୁ ସେବାୟତ ଓ ବ୍ରାହ୍ମଣଙ୍କ ଦ୍ୱାରା ନିମନ୍ତ୍ରଣ ପତ୍ର ସହିତ ପୁଷ୍ପ, ନଡ଼ିଆ, ଗୁଆ ଓ ସମ୍ମାନ ବସ୍ତ୍ର ପ୍ରଦାନ କରଯାଇଥିଲା। ପରବର୍ତ୍ତୀ ପୁଷ୍ୟାଭିଷେକ ତିଥିରେ ଆଦ୍ୟ ରଥଯାତ୍ରା ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ଶତପଥୀ, ଉପସଭାପତି ବାମଦେବ ମିଶ୍ର, ସାଧାରଣ ସମ୍ପାଦକ ପ୍ରଭାତ ମହାପାତ୍ର, ସହ ସମ୍ପାଦକ ରମେଶ ମହାପାତ୍ର, ପତିତପାବନ ମନ୍ଦିର ସଭାପତି ସୁରେନ୍ଦ୍ର ମହାପାତ୍ର ଓ କୋଷାଧ୍ୟକ୍ଷ ପ୍ରଦୀପ ମହାପାତ୍ରଙ୍କ ସମେତ ରଥ ସଦସ୍ୟ ଗୌରାଙ୍ଗ ଷଡ଼ଙ୍ଗୀ ଏବଂ ପୁରୋହିତ ଲକ୍ଷ୍ମୀଧର ମିଶ୍ର, କାହାଳିଆ ଦୈତାରୀ ମାଝୀ ଓ ପରିଚାଳକ ସେବକ କାଳିଆ ମହାପାତ୍ର ଭାରତୀପୁରସ୍ଥିତ ନନ୍ଦ ନିବାସରୁ ପୂଜାର୍ଚ୍ଚନା ପରେ ପତିତପାବନ ମନ୍ଦିର ଅଭିମୁଖେ ଶ୍ରୀ ନନ୍ଦଙ୍କୁ ପାଛୋଟି ନେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପଣ୍ଡା ପତିତପାବନ ଦେବଙ୍କ ଆଜ୍ଞାମାଳ ଦେଇ ପଗଡ଼ି, ଅଙ୍ଗବସ୍ତ୍ର ସହିତ ପହିଲି ଭୋଗ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ପୂର୍ବ ପ୍ରଚଳିତ ନିଆରା ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ପ୍ରମୋଦ ନନ୍ଦ ଓ ବାହୁଡ଼ା ରଥଯାତ୍ରାରେ ପୂର୍ବ ଦାୟିତ୍ୱଧାରକ ପ୍ରଭାକର ପଣ୍ଡା ଛେରାପହଁରା ସେବା ତୁଲାଇବେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



କାକଟପୁର,୬।୧(ସମିସ): କାକଟପୁର ନିର୍ବାଚନମଣ୍ଡଳୀ ବିଧାୟକ ତୁଷାରକାନ୍ତି ବେହେରା କାକଟପୁର ବ୍ଲକ୍ ଅଧୀନ କୁଣ୍ଡେଇ ପଞ୍ଚାୟତର ବାଜପୁର ଗ୍ରାମରେ ୩ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଗ୍ରାମାଞ୍ଚଳ ବିକାଶକୁ ଯୋଡ଼ିବ ଏହି ସବୁ ପ୍ରକଳ୍ପ ବୋଲି ବିଧାୟକ କହିଥିଲେ। ସୋମବାର ପୂର୍ବାହ୍ଣରେ କାକଟପୁର ବ୍ଲକ୍ ଅଧୀନ କୁଣ୍ଡେଇ ପଞ୍ଚାୟତ ବାଜପୁର ଗ୍ରାମର ସିଠ ସାହି କୋଠଘର, ପରେ କୃଷ୍ଣନଗର ପାଟଣାରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରେ ୪ଲକ୍ଷ ୩୦ହଜାର ୩୮୨ ଟଙ୍କାରେ ନିର୍ମିତ ବାସୁଦେବ ଭୋଗ ମଣ୍ଡପ, ଶେଷରେ ବାସୁଦେବ ମହିଳା ସମିତି ଗୃହ ଉଦ୍‌ଘାଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ୍, ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, କୁଣ୍ଡେଇ ସମିତିସଭ୍ୟ ପ୍ରମୋଦ କିଶୋର ଦାସ, ସରପଞ୍ଚ ପ୍ରଭାତୀ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ପରିଚାଳନାରେ ଆଶିଷ ବେହେରା, ମନୋଜ ସେଠୀ, ତାପସ ମଲ୍ଲିକ, ସୁଚିତ୍ରାନନ୍ଦ ସାହୁଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ପାନୀୟଜଳ ଯୋଗାଣ ସମ୍ପର୍କିତ କର୍ମଶାଳା

କଣାସ,୬।୧(ସମିସ): କଣାସ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର କଣାସ ବ୍ଲକ୍‌ର ପ୍ରତ୍ୟେକ ଗ୍ରାମକୁ କିପରି ସ୍ୱଚ୍ଛ ପାନୀୟଜଳ ଯୋଗାଣ ସମ୍ପର୍କରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ୍‌ର ବିଭିନ୍ନ ନଦୀରେ ପାଇପ୍ ଯୋଗେ ଜଳଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଇ କିପରି ପ୍ରତ୍ୟେକ ଗ୍ରାମକୁ ଜଳଯୋଗାଣ କରାଯାଉଛି ଓ ନଦୀର ଦୂଷିତ ଜଳକୁ ବିଶୋଧନ କରାଯାଇ ସ୍ୱଚ୍ଛ ଜଳଯୋଗାଣ ଚାଲିଥିବା ସମ୍ପର୍କରେ ଜଳଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ପଞ୍ଚାୟତ ଅଧିକାରୀ, ପାନୀୟଜଳ ଯୋଗାଣ ପମ୍ପ୍ ହାଉସ୍ କର୍ମଚାରୀ ଉପସ୍ଥିତ ଥିଲେ।










## ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ

ଡେଲାଙ୍ଗ,୬।୧(ସମିସ): ବୟାବଜାରସ୍ଥିତ ୟୁକୋ ବ୍ୟାଙ୍କ ଡେଲାଙ୍ଗ ଶାଖାରେ ମଙ୍ଗଳବାର ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଶାଖା ପ୍ରବନ୍ଧକ ପୀତବାସ ସାମନ୍ତରାୟ, ସହ ପ୍ରବନ୍ଧକ କ୍ରିଷ୍ଣ ପ୍ରସାଦ ଜେନା, କର୍ମଚାରୀ ନିତେଶ ଦାସ, କିଶୋର ପାତ୍ର, ବସନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କରେ ସାଧାରଣ ଲୋକଙ୍କ ସଞ୍ଚିତ ଅର୍ଥର ସୁରକ୍ଷା ସହିତ ସମସ୍ତ ଗ୍ରାହକଙ୍କୁ ସମାନତା ଭାବ ପ୍ରଦର୍ଶନ କରିବା ବ୍ୟାଙ୍କ କର୍ମଚାରୀଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ମୁଖ୍ୟ ଶାଖା ପ୍ରବନ୍ଧକ ଶ୍ରୀ ସାମନ୍ତରାୟ ମତପ୍ରକାଶ କରିଥିଲେ। ଏହି ଅବସରରେ ନେଣଦେଣ ପାଇଁ ବ୍ୟାଙ୍କକୁ ଆସିଥିବା ଗ୍ରାହକଙ୍କୁ ବ୍ୟାଙ୍କ ତରଫରୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା।

## ନିମାପଡ଼ା କପ୍ କ୍ରିକେଟ: ଫାଇନାଲରେ ପ୍ରଗତୀ ସ୍ପୋର୍ଟିଂ



ନିମାପଡ଼ା,୬।୧(ସମିସ): ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ସ୍ଥାନୀୟ ବାରବାଟୀ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍, ଦ୍ୱିତୀୟ ତାପସ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱର ଓ ପାୟୋନିୟର କ୍ରିକେଟ କ୍ଲବ୍ ପୁରୀ। ପ୍ରଗତୀ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପ୍ରଗତୀ ସ୍ପୋର୍ଟିଂ ବ୍ୟାଟିଂ କରି ୨୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ୮ ଛକା ଓ ୮ ଚୌକା ମାରି ୧୧୫ ରନ୍ ସଂଗ୍ରହ କରିଥିଲେ। ପାୟୋନିୟର ବୋଲର ଲାଲୁ ମହାନ୍ତି ୪ଟି ୱିକେଟ୍ ଓ ଶୁଭମ୍ ସାହୁ ୩ ୱିକେଟ ଅକ୍ତିଆର କରିଥିଲେ। ପରେ ପାୟୋନିୟର ୨୩.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ବିଶ୍ୱାଳ ୭୭ ରନ୍ କରିଥିଲେ। ପ୍ରଗତୀ ସ୍ପୋର୍ଟିଂ ବୋଲର ମିଲନ ସାମଲ ୪ ୱିକେଟ ଅକ୍ତିଆର କରିଥିଲେ। ପ୍ରଗତୀ ସ୍ପୋର୍ଟିଂର ରଘୁନାଥ ମଲ୍ଲ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ସାମ୍ବାଦିକ ବିରଞ୍ଚନ ମଲ୍ଲିକ ଓ ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ଅଭିନନ୍ଦନ ପାତ୍ର ଓ ତ୍ରିଭୁବନ ନାଥ ଦାଶ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଓ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ପରସ୍ପରକୁ ଭେଟିବେ ବୋଲି ସମ୍ପାଦକ ଅକ୍ଷୟ ବେହେରା ସୂଚନା ଦେଇଛନ୍ତି।

## ବିଲ ଭିତରେ ଟଳିପଡ଼ିଲେ ଚାଷୀ

ବ୍ରହ୍ମଗିରି,୬।୧(ସମିସ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋମଣ୍ଡି ଗ୍ରାମରେ ଜଣେ ଚାଷୀ ବିଲକୁ ଧାନ ତଳି ଭାଙ୍ଗିବା ପାଇଁ ଯାଇଥିବାବେଳେ ହଠାତ୍ ମୁହଁ ମାଡ଼ି ପଡ଼ିଯାଇଥିଲେ। କିଛି ସମୟ ପରେ ଅନ୍ୟ ବିଲରେ କାମ କରୁଥିବା କିଛି ଲୋକ ତାଙ୍କୁ ମୁହଁ ଦେଖି ପାଖକୁ ଆସି ଡାକିଥିଲେ। ସେ ନ ଉଠିବାରୁ ସଙ୍ଗେ ସଙ୍ଗେ ତାଙ୍କ ଘରକୁ ଖବର ଦେଇଥିଲେ। ଘର ଲୋକେ ଆସି ଦେଖିବାବେଳକୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ମୃତ ଚାଷୀ ହେଲେ ଗୋମଣ୍ଡି ଗ୍ରାମର ମହେନ୍ଦ୍ର ଜେନା (୬୦)। ତାଙ୍କର ହୃଦ୍‌ଘାତ କିମ୍ବା ଅତ୍ୟଧିକ ଥଣ୍ଡା ପ୍ରକୋପରୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

**କାକଟପୁର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ**

## ‘ଶିକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଦିଗ୍‌ଦର୍ଶକ’

କାକଟପୁର,୬।୧(ସମିସ)




କାକଟପୁର ନିର୍ବାଚନମଣ୍ଡଳୀର ନୋଡାଲ ପିଏମ୍‌ଶ୍ରୀ ହାଇସ୍କୁଲ ଭାବରେ ପରିଚିତ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୧୧ଟାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ସାଂସଦ ବ୍ଲକ୍ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ସରପଞ୍ଚ ଅଭୟ ସେଠୀ, ସମାଜସେବୀ ରତିକାନ୍ତ ବେହେରା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ବରିଷ୍ଠ ନାଗରିକ ନିରଦ ବରଣ ମହାନ୍ତି, ଆୟୋଜକ କାକଟପୁର ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନାଲତା ପରିଡ଼ା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବା ସହିତ ଭବିଷ୍ୟତରେ ବିଦ୍ୟାର୍ଥୀମାନେ ଉତ୍ତମ ଚରିତ୍ର ଗଠନ କରିବା ଦିଗରେ ଶିକ୍ଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅତିଥିମାନେ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ, ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଷ୍ଟଲ୍, ଆକାଂକ୍ଷା ମେଳା ପରିଷଦ ପକ୍ଷରୁ ବିଭିନ୍ନ ଗ୍ୟାଲେରୀରେ ଛାତ୍ରଛାତ୍ରୀଙ୍କ ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କାହାଣୀ ଗଛ, ଲୋପ୍ ପାଉଥିବା ପୁରାତନ ସାମଗ୍ରୀରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ଦୈନିକ ବଜାର, ଦିନିକିଆ ଉଦ୍ୟୋଗ ଷ୍ଟଲ୍ ଆଦି ବୁଲି ଦେଖିବା ସହିତ ସେମାନଙ୍କଠାରୁ ଖାଦ୍ୟ କିଣି ଖାଇବା ସହ ଛାତ୍ରଛାତ୍ରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଉର୍ଦ୍ଧ୍ୱ ଶିକ୍ଷକ ସେକ୍ ସମରୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ବାଲି ବୋଝେଇ ହାଇୱା ଜବତ, ୪ ଚାଳକ ଅଟକ

ବଳଙ୍ଗା,୬।୧(ସମିସ): ମଙ୍ଗଳବାର ପୂର୍ବାହ୍ଣରେ ବଳଙ୍ଗା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଟି ଜାଗାରୁ ୪ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିବା ସହ ୪ ଡ୍ରାଇଭରଙ୍କୁ ଗିରଫ କରିଛି ବଳଙ୍ଗା ପୁଲିସ। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପୂର୍ବାହ୍ଣରେ ଥାନା ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ୨ଟି ଜାଗା ଭାଣପୁର ଓ ହରିପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଗୋଡ଼ିମାଳଠାରେ ୨ଟି ହାଇୱା ଜବତ କରିବା ସହ ଦୁଇଜଣ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ସେହିପରି ଏସ୍‌ଆଇ ସସ୍ମିତା ବେହେରା ରୂପଦେଇପୁର, ଭୀମବଜାର ଛକଠାରେ ୨ଟି ହାଇୱାକୁ ଜବତ କରି ୨ ଡ୍ରାଇଭରଙ୍କୁ ଗିରଫ କରି ଥାନାକୁ ଆଣି ଅଟକ ରଖିଛନ୍ତି।






## ଭଙ୍ଗା ଟ୍ରଙ୍କ୍‌ରେ କବି ଯଦୁମଣିଙ୍କ ୧୬୦ ବର୍ଷର ସ୍ମୃତି

# ଅବହେଳା ଓ ଅଣଦେଖା ହୋଇଛନ୍ତି ଉତ୍କଳ ଘଣ୍ଟ

ନୟାଗଡ଼,୬।୧(ସମିସ)





ହାସ୍ୟରସ କବି ଉତ୍କଳଘଣ୍ଟ ଅବହେଳା ଓ ଅଣଦେଖା ହୋଇ ଆସୁଛନ୍ତି। ଯଦୁମଣିଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯଦୁମଣିଙ୍କର ୧୬୦ ବର୍ଷର ସ୍ମୃତି ଏବେ ବି ଅଖୋଜା ଅଲୋଡ଼ା ହୋଇ ନିଜର ଜନ୍ମଭୂମିରେ ଭଙ୍ଗା ଟ୍ରଙ୍କ୍ ଭିତରେ ସୀମିତ ରହିଛି।

କବି ଯଦୁମଣି ୧୭୮୧ରେ ଜନ୍ମଗ୍ରହଣ କରି ୧୮୬୬ ମସିହାରେ ଧରାପୃଷ୍ଠରୁ ବିଦାୟ ନେଇଥିଲେ। ଦୀର୍ଘ ୮୫ ବର୍ଷର ସାହିତ୍ୟିକ ଜୀବନ ମଧ୍ୟରେ ବଞ୍ଚି ରହିଥିଲେ ମଧ୍ୟ ମୃତ୍ୟୁର ୧୬୦ ବର୍ଷ ପରେ ମଧ୍ୟ ନୟାଗଡ଼ ଜିଲ୍ଲାରେ ତାଙ୍କ ସ୍ମୃତି ଏବଂ କୃତୀକୁ ଉଜ୍ଜିବୀତ କରିବା ଭାଷଣବାଜିରେ ସୀମିତ ରହିଛି। କବି ଯଦୁମଣିଙ୍କ ଭଳି ପ୍ରଖ୍ୟାତ କବି ସାରା ଜିଲ୍ଲା ପାଇଁ ତଥା ଓଡ଼ିଶା ପାଇଁ ଗର୍ବ ଥିଲାବେଳେ ତାଙ୍କୁ ରାଜ୍ୟ ସରକାର ଠିକ୍ ଭାବେ ଏପର୍ଯ୍ୟନ୍ତ ଚିହ୍ନି ପାରିଲେ ନାହିଁ। ଇଟାମାଟି ଗ୍ରାମରେ ଯଦୁମଣି କ୍ଲବ୍‌ଟିଏ ଅଛି ବୋଲି ସେ ବର୍ଷକୁ ଥରେ ଯଦୁମଣିଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିଛି। ତାଙ୍କ ଜନ୍ମଭୂମି ତଥା ଉତ୍ତରାଧିକାରୀମାନେ ଏକ ଭଙ୍ଗା ଟ୍ରଙ୍କ୍ ମଧ୍ୟରେ ତାଙ୍କର ବ୍ୟବହୃତ ତାଳପତ୍ର ପୋଥି ଏବଂ କିଛି ବ୍ୟବହୃତ ଦ୍ରବ୍ୟ ସାଇତି ରଖିଛନ୍ତି। ଏହାବ୍ୟତୀତ ଯଦୁମଣିଙ୍କର ଏକ ପ୍ରତିମୂର୍ତ୍ତି ଗ୍ରାମ ପଞ୍ଚାୟତ ପଡ଼ିଆରେ ରହିଛି। ତାହା ମଧ୍ୟ ଅନ୍ୟ ମହାନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଜିଲ୍ଲାର କୋଣଅନୁକୋଣରେ ନିର୍ମାଣ କରାଯାଇଛି ସେଭଳି ପ୍ରତିମୂର୍ତ୍ତିଟିଏ କିମ୍ବା ତାଙ୍କର ପ୍ରତିମୂର୍ତ୍ତି ସ୍ତମ୍ଭଟିଏ ମଧ୍ୟ ନାହିଁ। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାର, ବୁଦ୍ଧିଜୀବୀ କେହି ବି ଯଦୁମଣିଙ୍କୁ ଉଚିତ୍ ସମ୍ମାନ ଏପର୍ଯ୍ୟନ୍ତ ଦେଇନାହାନ୍ତି। କେବଳ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଯଦୁମଣି କ୍ଲବ୍ ଆନୁକୂଲ୍ୟରେ ଜାନୁଆରୀ ୮ ତାରିଖରେ ପ୍ରତ୍ୟେକ ବର୍ଷ ଯଦୁମଣିଙ୍କ ଜୟନ୍ତୀ ପାଳନ କରାଯାଏ। ତା'ପରେ ସେହି କୃତୀ ଏବଂ ସ୍ମୃତିରେ ଯଦୁମଣି ସୀମିତ ରହୁଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସାହିତ୍ୟିକଙ୍କ ଚେୟାର ନିର୍ମାଣ କରାଯାଇଛି, କିନ୍ତୁ ଯଦୁମଣିଙ୍କ ଭଳି ଏକ ବିରଳ କବିଙ୍କର ବିଶ୍ୱବିଦ୍ୟାଳୟସ୍ତରରେ ମଧ୍ୟ ଚେୟାର କରାଯାଇନାହିଁ। ସାରା ଜିଲ୍ଲାରେ ଯଦୁମଣିଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯାଉନାହିଁ। କଷ୍ଟେମଷ୍ଟେ ହାତଗଣତି ଭାବେ କିଛି ଲୋକ ଏବଂ ବୁଦ୍ଧିଜୀବୀ ଯଦୁମଣିଙ୍କ ଜୟନ୍ତୀ ପାଳନ କରୁଛନ୍ତି। କବି ଯଦୁମଣିଙ୍କୁ ନୟାଗଡ଼ ଜିଲ୍ଲାରେ ପ୍ରକୃତ ସମ୍ମାନ ଏପର୍ଯ୍ୟନ୍ତ ଦିଆଯାଇପାରି ନାହିଁ। ଏହି ମହାମନୀଷିଙ୍କର ଜୟନ୍ତୀ ଏବଂ ଯେଉଁଭଳି ଭାବେ ପାଳନ କରାଯାଉଛି ତାହା ଦେଖିବାକୁ ମଧ୍ୟ କଷ୍ଟ ଲାଗୁଛି। ରାଜ୍ୟ ସଂସ୍କୃତି ବିଭାଗ ଯଦୁମଣିଙ୍କ ପାଇଁ ଆଖିବୁଜି ଦେଇଛି। ସଂସ୍କୃତି ବିଭାଗ ପକ୍ଷରୁ ଯଦୁମଣିଙ୍କ ଜୟନ୍ତୀକୁ ମଧ୍ୟ ଠିକ୍ ଭାବରେ କରାଯାଉନାହିଁ। ସାମୂହିକ ସ୍ତରରେ ଜିଲ୍ଲାରେ କେବଳ ଇଟାମାଟି ଭିତରେ ତାଙ୍କର ଜୟନ୍ତୀ ବ୍ୟତୀତ ଅନ୍ୟ କୌଣସିଠାରେ ଜୟନ୍ତୀ ପାଳନ କରାଯାଉନାହିଁ। ପ୍ରତି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଯଦୁମଣିଙ୍କ ଜୟନ୍ତୀଙ୍କୁ ସାମୂହିକ ଭାବେ ପାଳନ କରାଯିବା କଥା। ଏଭଳି ଜଣେ ମହାନ୍ କବିଙ୍କ ଜୟନ୍ତୀକୁ ଜିଲ୍ଲା ପ୍ରଶାସନରେ ବି ଅବହେଳା କରାଯାଉଛି।

ଏ ସମ୍ପର୍କରେ ଯଦୁମଣିଙ୍କ ଷଷ୍ଠ ପୀଢ଼ିର ଦାୟାଦ ରୋହନ ମହାପାତ୍ରଙ୍କୁ ପଚାରିବାରେ, ଯଦୁମଣିଙ୍କ ଜୟନ୍ତୀ କେବଳ ସ୍ମୃତି ସୀମିତ ରହୁଛି। ତାଙ୍କ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯଦୁମଣି ଚେୟାର ଏବଂ ରାଜଧାନୀର କୌଣସି ଏକ ରାଜରାସ୍ତାକୁ ଯଦୁମଣିଙ୍କ ନାମରେ ନାମିତ କରାଯାଉ ବୋଲି ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ, ଯଦୁମଣିଙ୍କ ପ୍ରତିମୂର୍ତ୍ତି ଯଥାଶୀଘ୍ର ପ୍ରତିଷ୍ଠା କରିବାକୁ ରୋହନ ଦାବି କରିଛନ୍ତି। ତାଙ୍କ ପାଇଁ ଇଟାମାଟିରେ ତାଙ୍କ ନାମରେ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ମାଣ କରାଯାଉ ବୋଲି ରୋହନ କହିଛନ୍ତି। ୧୯୯୮ରୁ ଓଡ଼ିଶା ସାହିତ୍ୟ ଏକାଡେମୀ ରାଜ୍ୟସ୍ତରୀୟ ଯଦୁମଣି ଜୟନ୍ତୀ ପାଳନ କରୁଛି। ଏହା ବ୍ୟତୀତ ଯଦୁମଣିଙ୍କର କୌଣସି ସନ୍ତକ ଇଟାମାଟିରେ ଦେଖିବାକୁ ମିଳୁନି। ଯଦୁମଣିଙ୍କର ଜୟନ୍ତୀ ଆସିଲେ କିଛି ବୁଦ୍ଧିଜୀବୀଙ୍କୁ ନେଇ ପାଳନ କରାଯାଉଛି। ସାରା ରାଜ୍ୟରେ ମହାନ ପୁରୁଷଙ୍କ ପାଇଁ ଯେଉଁଭଳି ସଂସ୍କୃତି ବିଭାଗ ଅଣ୍ଟାଭିଡ଼ି ବିଭିନ୍ନ କାର୍ଯ୍ୟକ୍ରମ କରିବା ସହିତ ତାଙ୍କର ପ୍ରତିମୂର୍ତ୍ତି ଏବଂ ସଂଗ୍ରହାଳୟ ସହିତ ତାଙ୍କ ପୁସ୍ତକ ପ୍ରଚାରପ୍ରସାର କରିବାର ଆବଶ୍ୟକତା ଥିଲା ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ରାଜ୍ୟ ସରକାର ଯଦୁମଣିଙ୍କ ପ୍ରତି ସମ୍ମାନ କରିବା ବଦଳରେ ଅସମ୍ମାନ କରି ଚାଲିଛନ୍ତି। ତେଣୁ ତୁରନ୍ତ ଯଦୁମଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଂଗ୍ରହାଳୟ ଏବଂ ଯଦୁମଣି ଭବନ କରିବା ପାଇଁ ସାଧାରଣରେ ଦାବି ହେଉଛି।

- ଜିଲ୍ଲାରେ ବି ଏପର୍ଯ୍ୟନ୍ତ ଯଦୁମଣିଙ୍କୁ ମିଳୁନି ଉଚିତ୍ ସମ୍ମାନ
- ଯଦୁମଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଂଗ୍ରହାଳୟ ଓ ଭବନ ନିର୍ମାଣ ଦାବି

---

## ■ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି



ନୟାଗଡ଼,୬।୧(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ସଦର ମହକୁମାରେ ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ନୂଆଗାଁ ବ୍ଲକ୍‌ର ପ୍ରାୟ ୧୧ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ନୂଆଗାଁ ଡାକ୍ତରଖାନାରେ ଡାକ୍ତର ସମସ୍ୟା, ଷ୍ଟାଫ୍ ସମସ୍ୟା ଓ କ୍ୱାର୍ଟର୍ସ ଅଭାବ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂଆଗାଁ ବ୍ଲକ୍ ସଦର ମହକୁମାରେ ବ୍ଲକ୍, ତହସିଲ୍, ଥାନା, ସ୍କୁଲ, କଲେଜ, ପଶୁସମ୍ପଦ, ବ୍ୟାଙ୍କ, ବିଦ୍ୟୁତ୍ କାର୍ଯ୍ୟାଳୟ ରହିଛି। ଏଠାରେ ଅନେକ ସରକାରୀ କର୍ମଚାରୀ କାର୍ଯ୍ୟାଳୟ ଥିବାବେଳେ ସେମାନଙ୍କ ପରିବାର ସହିତ ସମସ୍ତେ ନୂଆଗାଁରେ ଘରଭଡ଼ା ନେଇ ରହୁଛନ୍ତି। ସକାଳୁ ୩ ଘଣ୍ଟା, ଅପରାହ୍ଣରେ ୩ ଘଣ୍ଟା ଡାକ୍ତରଖାନା ଖୋଲା ରହୁଥିବାବେଳେ ୧୮ ଘଣ୍ଟା ବନ୍ଦ ରହୁଛି। ନୂଆଗାଁ ସଦର ମହକୁମାରେ ଥିବା ସ୍କୁଲ, ଯୁକ୍ତ ୨ ଓ ଯୁକ୍ତ ୩ କଲେଜରେ ପ୍ରାୟ ଅଢ଼େଇ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଯଦି କୌଣସି ସମୟରେ କାହାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ, ତାହେଲେ ରାତି ଅନ୍ଧାରରେ ଗାଡ଼ି ଭଡ଼ା କରି ନୟାଗଡ଼ କିମ୍ବା ଭୁବନେଶ୍ୱରରେ ଥିବା ମେଡିକାଲକୁ ଜଣେ ରୋଗୀକୁ ନେବା ଅତ୍ୟନ୍ତ କଷ୍ଟଦାୟକ ଅଟେ। ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟାକୁ ଆଖି ଆଗରେ ରଖି ମଙ୍ଗଳବାର ନୂଆଗାଁ ଡାକବଙ୍ଗଳାଠାରେ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ରାଜନେତା ଏବଂ ସାମ୍ବାଦିକଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯାଇଥିଲା। ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରାଯିବା ସହ ଆବଶ୍ୟକ ସ୍ଥଳେ ଆନ୍ଦୋଳନ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସାଂସଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ନୂଆଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଇ ଖୁବ୍‌ଶୀଘ୍ର ଦାବିପତ୍ର ପ୍ରଦାନ କରାଯିବା ନେଇ ସୂଚନା ମିଳିଛି। ବୈଠକରେ ସମାଜସେବୀ ପ୍ରକାଶ କୁମାର ସାହୁ, ଗୋପବନ୍ଧୁ ଖଣ୍ଡୁଆଳ, ରମେଶ ଚନ୍ଦ୍ର ପ୍ରଧାନ, ଭଜମନ ପରିଡ଼ା, ସୁଧୀର ପ୍ରଧାନ, ଅଶୋକ ମାହୁନ୍ତ, ସୁରେଶ ଚନ୍ଦ୍ର ପ୍ରଧାନ, ଆଦିତ୍ୟ ନାରାୟଣ ପ୍ରଧାନ, ସ୍ୱପ୍ନେନ୍ଦୁ ପ୍ରଧାନ, ସାମ୍ବାଦିକ ବିଶ୍ୱଜିତ୍ ଖଣ୍ଡୁଆଳ, ଧନେଶ୍ୱର ସାହୁ, ଚିନ୍ମୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

---

# ଡାକ୍ତରଙ୍କ ଆନ୍ଦୋଳନ; ରୋଗୀ କଲବଲ

ନୟାଗଡ଼/ଭାପୁର, ୬।୧(ସମିସ): ରାଜ୍ୟରେ ଡାକ୍ତରଙ୍କ ଆନ୍ଦୋଳନକୁ ନେଇ ମଙ୍ଗଳବାର ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ୨ ଘଣ୍ଟା ଓପିଡି ବନ୍ଦ କରି ଡାକ୍ତରମାନେ ପ୍ରତୀକାତ୍ମକ ଭାବେ ଧାରଣାକୁ ଓହ୍ଲାଇଥିବାବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ଓମ୍‌ସା ଆହ୍ୱାନରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ସରକାର ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ କରନ୍ତୁ ବୋଲି ମତପ୍ରକାଶ ପାଇଛି। ୧୦ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଗତ ମାସ ୨୬ ତାରିଖରୁ ଡାକ୍ତରଙ୍କ ଆନ୍ଦୋଳନ ଆରମ୍ଭ ହୋଇ ଆଉଟ୍‌ଡୋର୍ ସେବା ସକାଳ ବେଳା ୧ ଘଣ୍ଟା ବନ୍ଦ ରହୁଥିଲା। ବର୍ତ୍ତମାନ ୫ ତାରିଖରୁ ଆଉଟ୍‌ଡୋର୍ ସେବା ୯ଟାରୁ ୧୧ଟା ପର୍ଯ୍ୟନ୍ତ ୨ ଘଣ୍ଟା ବନ୍ଦ ରହୁଛି। ଏହିପରି ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ସେମାନଙ୍କ ଦାବି ନ ଶୁଣିଲେ ୧୪ ତାରିଖଠାରୁ ସକାଳେ ଦୁଇ ଘଣ୍ଟା ଓପିଡି ବନ୍ଦ ସହ ଅପରାହ୍ଣରେ ସମ୍ପୂର୍ଣ୍ଣ ସେବା ବନ୍ଦ ରହିବ ବୋଲି ନୟାଗଡ଼ ଜିଲ୍ଲା ଡାକ୍ତର ସଂଘର ସମ୍ପାଦକ ଡା. ପ୍ରଦୀପ କୁମାର ପାଇକରାୟ କହିଛନ୍ତି। ଭାପୁର ବ୍ଲକ୍‌ରେ ବର୍ତ୍ତମାନ ଦୁଇ ଘଣ୍ଟିଆ ସେବା ବନ୍ଦ ଯୋଗୁଁ ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି ଅବସ୍ଥାରେ ରୋଗୀମାନେ ଗାଁ ଗହଳିରେ ଥିବା କ୍ୱାକ୍‌ଙ୍କୁ କିମ୍ବା ସ୍ଥାନୀୟ ଔଷଧ ଦୋକାନୀଙ୍କ ସେବାରେ ବଞ୍ଚୁଛନ୍ତି। ଏପରି ଅବସ୍ଥାରେ ରୋଗୀଙ୍କ ଜୀବନ ଉପରେ ସରକାର ଜୁଆ ଖେଳୁଛନ୍ତି ବୋଲି ମତ ପ୍ରକାଶ ପାଇଛି। ଜନସାଧାରଣଙ୍କ ମଧ୍ୟରେ ସରକାରଙ୍କ ଏପରି ଟାଳଟୁଳ ନୀତି ଯୋଗୁଁ ଅସନ୍ତୋଷ ସୃଷ୍ଟି ହୋଇଛି। ଡାକ୍ତରଙ୍କ ନ୍ୟାଯ୍ୟ ଦାବି ତୁରନ୍ତ ସରକାର ପୂରଣ କରନ୍ତୁ ବୋଲି ଜନସାଧାରଣ କହୁଛନ୍ତି।

# ବାଇଗୁଣିଆ ହାଇସ୍କୁଲରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଭାପୁର,୬।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ନିରୁପମା ମହାରଣା, ସମାଜସେବୀ ବିରଞ୍ଚି ନାରାୟଣ ଦାସ, ବିଦ୍ୟାଳୟ ପୂର୍ବତନ କ୍ରୀଡ଼ା ଶିକ୍ଷକ ଏକାଦଶୀ ମହାରଣା, ପଞ୍ଚସଖା ସେତୁ ସଭାପତି ମହେଶ୍ୱର ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ରଣା, କ୍ରୀଡ଼ା ଶିକ୍ଷକ ଆଶିଷ ପଟ୍ଟନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପିଲାଙ୍କ ଦ୍ୱାରା ମାର୍ଶାଲ ରାଲି ଅନୁଷ୍ଠିତ ହେବା ସହ ଖେଳ ପତାକା ଉତ୍ତୋଳନ କରାଯାଇଥିଲା। ଖେଳକୁ ଶାନ୍ତି ଶୃଙ୍ଖଳାରେ ପରିଚାଳନା ପାଇଁ ସମସ୍ତେ ଶପଥପାଠ କରିଥିଲେ। ଦୌଡ଼, ଖୋ ଖୋ, ଫୁଟ୍‌ବଲ, ଉଚ୍ଚ ଡିଆଁ ଅନୁଷ୍ଠିତ ହେଇଥିଲା।

# ମନ୍ଦିରକୁ ୧୫ ଲକ୍ଷ ଦାନ କଲେ ମହିଳା

ଭାପୁର,୬।୧(ସମିସ): ଜଣେ ବିଧବା ମହିଳା ଜଗନ୍ନାଥ ମନ୍ଦିର ଉନ୍ନତି ପାଇଁ ଜୀବନ ସଞ୍ଚିତ ୧୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଦ୍ମାବତୀ ଗ୍ରାମ ବଉଳ ଶ୍ରୀକ୍ଷେତ୍ରରେ ନିର୍ମିତ ହୋଇଛି ବ୍ଲକ୍‌ର ବୃହତ୍ତମ ଜଗନ୍ନାଥ ମନ୍ଦିର। ଏହି ମନ୍ଦିରକୁ ଗ୍ରାମର ଜଣେ ବିଧବା ମହିଳା ମଙ୍ଗଳବାର ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସ୍ୱାମୀ ପ୍ରଫେସର ସ୍ୱର୍ଗତ ରବୀନ୍ଦ୍ର ନାଥ ସାହୁଙ୍କ ପତ୍ନୀ ସୁଲୋଚନା ସାହୁ ଏପରି ମହାନ୍ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱରରେ ରହୁଥିବା ଏହି ବିଧବା ମହିଳା ନିଃସନ୍ତାନ ଅଟନ୍ତି। ମନ୍ଦିର ପରିଚାଳନା କମିଟି ତରଫରୁ ମହିଳାଙ୍କୁ ସାଧୁବାଦ ଅର୍ପଣ କରାଯାଇଛି।

# ଦୁର୍ଘଟଣାରେ ଯୁବକ ମୃତ

ଗଣିଆ,୬।୧(ସମିସ): ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ଗଣିଆ ବ୍ଲକ୍ କିଶୋର ପ୍ରସାଦ ଗ୍ରାମର ତ୍ରିନାଥ ଗଣ୍ଡିଆ ବୋଲି ଜଣାପଡ଼ିଛି। ସେ ଗତ ୩ ତାରିଖ ରାତି ୧୦ଟାରେ ନିଜ ଶଶୁର ଘର ଏକଡାଳରୁ ଘରକୁ ଫେରୁଥିବା ସମୟରେ ଗୋପାଳପ୍ରସାଦ ବୁଲାଣିଠାରେ ଏକ ଅଜଣା ଗାଡ଼ି ଧକ୍କାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ସନ୍ଧ୍ୟାରେ ନିଜ ଗାଁ କିଶୋର ପ୍ରସାଦରେ ପହଞ୍ଚିବା ପରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ତାଙ୍କର ଛୋଟ ଝିଅଟି ବାପାଙ୍କୁ ଖୋଜୁଥିବାବେଳେ ସ୍ତବ୍ଧ ପାଲଟି ଯାଇଛନ୍ତି ପୂରା ପରିବାର।

---

## ● ନାବାଳିକା ବିବାହ ପ୍ରତି ଆଖି ବୁଜି ଦେଇଛି ଶିଶୁ ସୁରକ୍ଷା ବିଭାଗ

# ବର୍ଷକରେ ୭୦ ଅଭିଯୋଗରୁ ଅଟକିଛି ୩୦ ବିବାହ

ନୟାଗଡ଼,୬।୧(ସମିସ): ନୟାଗଡ଼ ଜିଲ୍ଲାରେ ନାବାଳିକା ବିବାହ ଏକ ବ୍ୟାଧିରେ ପରିଣତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦୀର୍ଘ ବର୍ଷ ଧରି ଏ ଦିଗରେ କାର୍ଯ୍ୟ କରୁଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିବା ଦେଖାଯାଇଛି। ଜିଲ୍ଲାର କୋଣ ଅନୁକୋଣରେ ନାବାଳିକା ବିବାହ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ତାହା ଫଳବତୀ ହେଉନାହିଁ। ଦୀର୍ଘ ବର୍ଷ ହେବ ନୟାଗଡ଼ ଜିଲ୍ଲା ବାଲ୍ୟ ବିବାହ କ୍ଷେତ୍ରରେ ସାରା ରାଜ୍ୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଆସୁଛି। ଜାତୀୟ ହାର ୨୧.୬ ପ୍ରତିଶତ ରହିଥିବାବେଳେ ରାଜ୍ୟ ହାର ୨୬.୩ ପ୍ରତିଶତ ରହିଛି। ଓଡ଼ିଶାର ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ବାଲ୍ୟ ବିବାହ ହେଉଥିବାବେଳେ ନୟାଗଡ଼ ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହୁଛି। ନୟାଗଡ଼ ଜିଲ୍ଲାରେ ୩୫.୭ ପ୍ରତିଶତ ବାଲ୍ୟ ବିବାହ ହେଉଥିବା ସୂଚନା ମିଳିଛି। ବିଭିନ୍ନ ଏନ୍‌ଜିଓ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସାମିଲ୍ କରାଯାଇ ଅର୍ଥ ବ୍ୟୟ କରାଯାଉଥିବା ବେଳେ ସଚେତନତା ସୃଷ୍ଟି ହେବା ବଦଳରେ ବ୍ୟାଧି ବୃଦ୍ଧି ପାଉଛି। ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା କମ କାରଣକୁ ନେଇ ନାବାଳିକା ବିବାହ ବୃଦ୍ଧି ପାଉଥିବାବେଳେ ବୟସ୍କ ପୁଅଙ୍କ ସହ ନାବାଳିକାଙ୍କ ବିବାହ କରାଯାଉଛି। ନୟାଗଡ଼ ଜିଲ୍ଲାରେ ବିଗତ ବର୍ଷମାନଙ୍କ ଅପେକ୍ଷା ପ୍ରତିବର୍ଷ ଅଧିକ ନାବାଳିକା ବିବାହ ବୃଦ୍ଧି ପାଇ ଚାଲିଥିବା ଦେଖାଯାଇଛି। ଜିଲ୍ଲାରେ ଚାଇଲ୍ଡ ଲାଇନ, ପ୍ରଶାସନ ଏବଂ ପୁଲିସ ମିଳିତ ଉଦ୍ୟମରେ ୨୦୧୭-୧୮ରେ ୧୭ଟି, ୨୦୧୮-୧୯ରେ ୩୯ଟି, ୨୦୧୯-୨୦ରେ ୪୫ଟି, ୨୦୨୧ ବର୍ଷ ଶେଷ ହେବା ପୂର୍ବରୁ ୫୮ଟି ନାବାଳିକା ବିବାହ ବନ୍ଦ କରାଯାଇଥିଲା। ୨୦୨୨ରେ ନୟାଗଡ଼ ଜିଲ୍ଲାରେ ୯୦ଟି ନାବାଳିକା ବିବାହ ରୋକାଯାଇଥିଲା। ୨୦୨୪ରେ ଶିଶୁ ସୁରକ୍ଷା ବିଭାଗ ମାତ୍ର ୨୦ଟି ନାବାଳିକା ବିବାହ ରୋକିବାରେ ସମର୍ଥ ହୋଇଥିଲା। କିନ୍ତୁ ୨୦୨୫ରେ ଜାନୁଆରୀରୁ ଡିସେମ୍ବର ମାସ ମଧ୍ୟରେ ୩୦ଟି ନାବାଳିକା ବିବାହ ରୋକାଯାଇଛି। ୭୦ଟି ସ୍ଥାନରେ ନାବାଳିକା ବିବାହ ନେଇ ଅଭିଯୋଗ ହୋଇଥିଲା। ତାହା ମଧ୍ୟରୁ ମାତ୍ର ୩୦ଟି ରୋକିବାରେ ଶିଶୁ ସୁରକ୍ଷା ବିଭାଗ ସଫଳ ହୋଇଛି। ନାବାଳିକା ବିବାହ କରାଉଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯିବା ତଥା ମାମଲା ରୁଜୁ କରାଯିବାର ନିୟମ ରହିଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ଦଣ୍ଡବିଧାନ ବ୍ୟବସ୍ଥା ନ ଥିବାରୁ ନାବାଳିକା ବିବାହ ଜିଲ୍ଲାରେ ଏକ ପ୍ରମୁଖ ସମସ୍ୟା ସୃଷ୍ଟି କରିଛି। ନାବାଳିକା ବିବାହ କରୁଥିଲେ କିମ୍ବା କରାଇଲେ ଗିରଫ କରାଯିବା ସହ ଏଥିପାଇଁ ଜରିମାନା ସହ ଦୁଇ ବର୍ଷର ଦଣ୍ଡ ବ୍ୟବସ୍ଥା କରାଯାଇଛି। ସିଡିପିଓମାନେ ନାବାଳିକା ବିବାହ ମାମଲାରେ ଏତଲା ଦେଉ ନ ଥିବା ଅଭିଯୋଗ ହେଉଛି। ୨୦୦୮ ତଥା ଏହା ପୂର୍ବରୁ ବହୁ ପରିମାଣର କନ୍ୟାଭ୍ରୂଣ ହତ୍ୟା ଆଜି ଦିନରେ ନାବାଳିକା ବିବାହର ମୁଖ୍ୟ କାରଣ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଝିଅ ଅଭାବ ପାଇଁ ୩୫ ବର୍ଷର ପୁଅ ସହ ୧୫ ବର୍ଷର ଝିଅର ବିବାହ କରାଯାଉଥିବା ଅନେକ ଘଟଣାରେ ଦେଖିବାକୁ ମିଳୁଛି। ଏପରିକି ନୟାଗଡ଼ ଜିଲ୍ଲାରୁ ଅନେକ ଝିଅଙ୍କୁ ବାହାର ରାଜ୍ୟକୁ ବିବାହ କରିବା ପାଇଁ ଚାଲାଣ କରାଯାଉଥିବା ମଧ୍ୟ ଜଣାଯାଇଛି। ନାବାଳିକା ବିବାହ ରୋକିବା ପାଇଁ ହେଲେ ସ୍ୱତନ୍ତ୍ର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବା ସହ ପ୍ରତ୍ୟେକ ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଯେଉଁ ପରିମାଣର ନାବାଳିକା ବିବାହ ବୃଦ୍ଧି ପାଉଛି। ଖୁବ୍‌ଶୀଘ୍ର ରାଜ୍ୟର ୧ ନମ୍ବର ଜିଲ୍ଲା ହେବ ବୋଲି ଅନେକ ବୁଦ୍ଧିଜୀବୀ ଆଶଙ୍କା କରୁଛି। ନାବାଳିକା ବିବାହ ସହ ନାବାଳିକା ମାତୃତ୍ୱ ମଧ୍ୟ ବୃଦ୍ଧି ପାଉଛି।

**ରାଜ୍ୟର ଦ୍ୱିତୀୟ ସ୍ଥାନରେ ନୟାଗଡ଼**

**ସଚେତନତାରେ ସୀମିତ, କାର୍ଯ୍ୟାନୁଷ୍ଠାନ ଶୂନ୍**

---

# ୧୨ରେ କଂଗ୍ରେସ ପକ୍ଷରୁ ଚାଷୀ ସମାବେଶ



ନୟାଗଡ଼,୬।୧(ସମିସ): ନୟାଗଡ଼ ଜିଲ୍ଲାରେ ମିଲରଙ୍କ ମନମାନୀ ଓ କଟ୍‌ନିଛଟ୍‌ନିକୁ ନେଇ ଧାନକିଣା ଆରମ୍ଭ ହୋଇ ନ ଥିବାବେଳେ କଂଗ୍ରେସ ଆସନ୍ତା ୧୨ ତାରିଖରେ ଚାଷୀ ସମାବେଶ ଆୟୋଜନ କରୁଛି। ନୟାଗଡ଼ ଛାତି ଉପରୁ ପିସିସି ସଭାପତି ଭକ୍ତଚରଣ ଦାସ ସରକାରଙ୍କୁ ଟାର୍ଗେଟ କରିବେ ବୋଲି ସୂଚନା ମିଳିଛି। ନୟାଗଡ଼ ପୁରୁଣା ଜେଲ୍‌ସ୍ଥିତ ପାର୍କିଂ ପଡ଼ିଆରେ ବିଶାଳ ଚାଷୀ ସମାବେଶ ଆୟୋଜନ ହେଉଥିବା ନେଇ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଏହି ଚାଷୀ ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନୟାଗଡ଼ ଗସ୍ତ ପରିପ୍ରେକ୍ଷୀରେ ପ୍ରାରମ୍ଭିକ ଦଳୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କିଷାନ ସେଲ ଅଧକ୍ଷ ବସନ୍ତ କରଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପିସିସି ସାଧାରଣ ସମ୍ପାଦକ ୟାସୀର୍ ନୱାଜ, ଡିସିସି ସଭାପତି ରଣଜିତ ଦାଶ, ପିସିସି ସଭ୍ୟ ହୁସେନ୍ ଖାଁ, ବରିଷ୍ଠ ନେତା ମନୋଜ ସାହୁ, ବସନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ସାନ୍ତ, ବୁଲୁ ପରିଡ଼ା, ହାଲିମ୍ ଖାଁ, ହସୀମ୍ ଖାଁ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲାରେ ଗତ ୨୯ ତାରିଖଠାରୁ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଥିଲେ ମଧ୍ୟ ଏଯାଏଁ ପ୍ୟାକ୍ସ ସମ୍ପାଦକମାନେ ଧାନ କିଣୁନାହାନ୍ତି। ଚାଷୀର ଧାନ ବସ୍ତା ଥଣ୍ଡା କାକରରେ ପଡ଼ି ଖତରା ହେଲାଣି। ଏପଟେ ଏଫ୍‌ଏକ୍ୟୁ ନାଁରେ ମିଲର୍‌ମାନେ କ୍ୱିଣ୍ଟାଲ ପ୍ରତି ୧୦ କେଜି କଟ୍‌ନିଛଟ୍‌ନି ପାଇଁ ଜିଲ୍ଲାବ୍ୟାପୀ ଧାନକିଣା ପ୍ରତିବାଦରେ କଂଗ୍ରେସ ବିଶାଳ ଚାଷୀ ସମାବେଶ କରିବ ବୋଲି ଡିସିସି ସଭାପତି ରଣଜିତ୍ ଦାଶ କହିଛନ୍ତି।

**କଟ୍‌ନିଛଟ୍‌ନିକୁ ନେଇ ସରକାରଙ୍କୁ ଘେରିବେ ଭକ୍ତ**

---

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

# ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା କୃଷି ଉତ୍ପାଦନ ବହୁଗୁଣିତ



ଓଡ଼ଗାଁ,୬।୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବୁଢ଼ାବୁଢ଼ିଆଣୀ ଡ୍ୟାମ୍‌ଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନୟାଗଡ଼ ଜଳସେଚନ ବିଭାଗ ଆନୁକୂଲ୍ୟରେ ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ସୁଧାକର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଝିଲ୍ଲୀ ପ୍ରଧାନ, ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ଇଂ. ବୈକୁଣ୍ଠ ନାଥ ଦଳେଇ, ଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, କୃଷି ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ଶଙ୍କର ବେହେରା, ସୁମିତ୍ କୁମାର ଜେନା ଯୋଗଦେଇ ବୈଜ୍ଞାନିକ କୌଶଳ ଦ୍ୱାରା ଚାଷଜମିକୁ ସ୍ୱଳ୍ପ ଜଳରେ କିପରି ଉଚିତ୍ ଚାଷକାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ମୃତ୍ୟୁର ଭୟ ଆସିଲେ ମଣିଷ ମନରେ ଚେତା ପଶେ। କିନ୍ତୁ ପୂର୍ବ ସଚେତନତା ରହିଲେ ହୁଏତ ଜୀବନ ବଞ୍ଚାଇବା ପାଇଁ ଡହଳବିକଳ ହେବାକୁ ପଡ଼ିବ ନାହିଁ। ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା କୃଷି ଉତ୍ପାଦନ ବହୁଗୁଣିତ ହେବା ଫଳରେ ଏବେ ବଳକା ଦ୍ରବ୍ୟକୁ ବିଦେଶକୁ ରପ୍ତାନୀ ହୋଇପାରୁଛି। ମାଛ ଓ କୁକୁଡ଼ା ଚାଷରେ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବା ଆମ ନୟାଗଡ଼ ଜିଲ୍ଲା ପାଇଁ ଶୁଭ ସଂକେତ ବୋଲି ମୁଖ୍ୟ ଅତିଥି ଇଂ. ଦେବାଶିଷ ପଟ୍ଟନାୟକ କହିଥିଲେ। ଗୁଆନ୍ଦ, ଶିଖରପୁର, ଆମ୍ବରାପୁର ପାଣି ପଞ୍ଚାୟତ ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବାର ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସୁଧାକର ଷଡ଼ଙ୍ଗୀ କହିଥିଲେ। ନୟାଗଡ଼ ଜଳସମ୍ପଦ ବିଭାଗ ଦ୍ୱାରା ବିଭାଜନସ୍ତରୀୟ କେତେକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ରଚନା ଏବଂ କୁଇଜ୍ ପ୍ରତିଯୋଗିତା ବିଜେତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୃପ୍ତିମୟୀ ନାୟକ ମଞ୍ଚ ସଂଯୋଜନା କରିଥିବାବେଳେ ବୁଢ଼ାବୁଢ଼ୀଆଣି ଡ୍ୟାମ୍ ସହକାରୀ ଯନ୍ତ୍ରୀ ଦାମୋଦର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରା ସଚେତନତା ରଥ ଉଦ୍‌ଘାଟିତ

ନୟାଗଡ଼,୬।୧(ସମିସ): ନୟାଗଡ଼ ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ସପ୍ତାହ ସଚେତନତା ରଥ ଉଦ୍‌ଘାଟନ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଛନ୍ତି। ପାଣି ପଞ୍ଚାୟତ ସପ୍ତାହ ଜାନୁଆରୀ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯିବ। ଏହି ରଥ ଜିଲ୍ଲାର ୮ଟି ବ୍ଲକ୍ ପରିକ୍ରମା କରି ଲୋକଙ୍କୁ ପାଣି ପଞ୍ଚାୟତ ସମ୍ପର୍କରେ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶିବ ଶଙ୍କର ବେହେରା, ଶରଣକୁଳ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତୃପ୍ତିମୟୀ ନାୟକ, ଦଶପଲ୍ଲା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୁମିତ ଜେନା, କନିଷ୍ଠ ଯନ୍ତ୍ରୀ ଇଂ ସଞ୍ଜିତ୍ କୁମାର ସାହୁ, ଇଂ କ୍ଷୀରୋଦ କୁମାର ଜାଲି ପ୍ରମୁଖ ଉପସ୍ଥିତ ଥିଲେ।



